# ବାଜପେୟୀଙ୍କ ପାଇଁ ଆହ୍ୱାନ

୧୪/୦୩/୨୦୦୧

'ତେହେଲ୍‌କା ଡଟ୍ କମ୍'ର ସାମ୍ବାଦିକ ବନ୍ଧୁମାନଙ୍କର ଦୀର୍ଘ ୮ ମାସର ପରିଶ୍ରମ ଆଜି ଆମ ବୃତ୍ତି ଏବଂ ସହୋଦରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱୀକୃତି ଓ ମାନ୍ୟତା ଆଣିଦେଇଛି । ତରୁଣ ତେଜପାଲ ଏବଂ ତାଙ୍କ ସାଥୀମାନେ ଆମ ସମସ୍ତଙ୍କର ଅଭିନନ୍ଦନର ପାତ୍ର । ପ୍ରତିରକ୍ଷା ବିଭାଗରେ ଅସ୍ତ୍ର କିଣାକୁ ନେଇ କି ପ୍ରକାର ଦୁର୍ନୀତି ଚାଲେ, ଉପରୁ ତଳ ପର୍ଯ୍ୟନ୍ତ ସବୁ ସ୍ତରରେ କିପରି ମୂଲଚାଲ ହୁଏ, ସେ ସବୁର ଭିଡିଓ ଚିତ୍ର ଉତ୍ତୋଳନ କରି ସେମାନେ ଆମ ସମସ୍ତଙ୍କର ଆଖି ଖୋଲିଦେଇଛନ୍ତି । ଦୁର୍ନୀତି ଏବଂ ଭ୍ରଷ୍ଟାଚାର ଆମ ବ୍ୟବସ୍ଥାକୁ କ୍ୟାନ୍‌ସର ରୋଗ ଭଳି ଗ୍ରାସ କରିଥିବା କଥା ଆମେ ସମସ୍ତେ ଊଣା ଅଧିକେ ଜାଣିଥିଲୁ, ଅନୁଭବ କରିଥିଲୁ ଏବଂ ଏହାକୁ ଏକରକମ ଦେହସୁହା କରି ନେଇଥିଲୁ । 'ତେହେଲ୍‌କା ଡଟ୍ କମ୍'ର ତଥ୍ୟ ଓ ପ୍ରମାଣ ଆମକୁ ହତଚକିତ କରୁଛି ଅନ୍ୟ ଏକ କାରଣରୁ । ଭାରତୀୟ ଜନତା ପାର୍ଟି ଏବଂ ସମତା ପାର୍ଟି ଆଜିର ମେଣ୍ଟ ସରକାରର ମୁଖ୍ୟ ଭାଗୀଦାର । ଏହି ଦଳଗୁଡ଼ିକର ସଭାପତିମାନେ କେତେ ତଳକୁ ଯାଇପାରନ୍ତି ତାହା ତେହେଲ୍‌କା ପ୍ରମାଣ କରିଦେଇଛନ୍ତି । ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ବଙ୍ଗାରୁ ଲକ୍ଷ୍ମଣ ଇସ୍ତଫା ଦେଇଛନ୍ତି । କାଲି ହୁଏତ ଜର୍ଜ ଫର୍ଣାଣ୍ଡିସ୍ ଓ ଜୟା ଜେଟ୍‌ଲି ଇସ୍ତଫା ଦେଇପାରନ୍ତି । ଏହା ଗୋଇଠା ମାରି ବିଷ୍ଠା କହିଲା ପରି ହେଉଛି । ଏ ଦଳର ଅନ୍ୟ ନେତୃମଣ୍ଡଳୀ ନିର୍ଲଜ୍ଜ ଭାବରେ ପାର୍ଲାମେଣ୍ଟରେ ଆଲୋଚନା କରିବାପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଉପଯୁକ୍ତ ତଦନ୍ତ ପରେ ଦୋଷୀକୁ ଦଣ୍ଡ ଦିଆଯିବ ବୋଲି ଓଲଟା ସଫେଇ ଦେଇଛନ୍ତି । ଏଠି ଦୋଷୀ କିଏ ? ବଙ୍ଗାରୁ ଲକ୍ଷ୍ମଣ ନା ଭାରତୀୟ ଜନତା ପାର୍ଟି ? ଜୟା ଜେଟ୍‌ଲି ନା ସମତା ପାର୍ଟି ? ଏହି ସ୍ତମ୍ଭରେ 'ପାର୍ଟି ହିଁ ରାଜା' ବୋଲି ଏକ ଅଗ୍ରଲେଖାରେ ଆମ ଗଣତନ୍ତ୍ରରେ ରାଜନୈତିକ ଦଳର

## ଆମ ଘରର ହାଲ୍‌ଚାଲ୍

### ସୌମ୍ୟରଂଜନ ପଟ୍ଟନାୟକ

ଅଖଣ୍ଡ ପ୍ରଭାବ କଥା ଅତୀତରେ ଆଲୋଚନା କରିଥିଲୁ । ଆଜି ଭାରତୀୟ ଜନତା ପାର୍ଟି କଥା ଚିନ୍ତା କଲାବେଳେ ବ୍ୟଥିତ ହେବାକୁ ପଡୁଛି । 'ନୀତି ଭଲ, ନେତା ଭଲ, ବିଜେପି ଶାସନ ଦେଖିବା ଚାଲ' ଥିଲା ବିଜେପିର ଏକ ମନଛୁଆଁ ସ୍ଲୋଗାନ୍ । ଭାରତୀୟ ଜନତା ପାର୍ଟି ଭାରତର ଅଖଣ୍ଡତା ଓ ଅସ୍ମିତାକୁ ଅଗ୍ରାଧିକାର ଦେଉଥିଲା । ସାଂସ୍କୃତିକ ଜାତୀୟତାବାଦ ଉପରେ ଆଧାରିତ ଏକ ବିକଳ୍ପ ରାଷ୍ଟ୍ରବାଦର କଳ୍ପନା କରିଥିଲା । ଭ୍ରଷ୍ଟାଚାର ବିରୋଧରେ ଏହାର ସ୍ୱର ସବୁଠାରୁ ଉଚ୍ଚ ବୋଲି ଏବେ ବି ତା'ର ଅନ୍ୟତମ ବରେଣ୍ୟ ନେତା ଶ୍ରୀ ଲାଲ୍‌କୃଷ୍ଣ ଆଡଭାନୀ ଆସ୍ଫାଳନ କରୁଛନ୍ତି । ଏପରି ଏକ ଦଳର ଅଧ୍ୟକ୍ଷ, ଯିଏ କି ନିଜକୁ ଦଳିତ ସମ୍ପ୍ରଦାୟର ପ୍ରତିନିଧି ବୋଲି ଉଲ୍ଲେଖ କରିବାରେ କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ, କିପରି ଦେଶର ସୁରକ୍ଷାକୁ ବଳି ଦେଇ ମାତ୍ର ୧ ଲକ୍ଷ ଟଙ୍କାର ଅଗ୍ରିମ ଲାଞ୍ଚ ଗ୍ରହଣ କଲେ ? ବର୍ତ୍ତମାନ ସଫେଇ ଦିଆଯାଉଛି ଯେ, ଦଳ ପାଇଁ କିଛି ଶୁଭେଚ୍ଛୁ ବ୍ୟବସାୟୀ ଏହା ତାଙ୍କୁ ନୂଆବର୍ଷର ଭେଟି ଭାବରେ ଦେଇଛନ୍ତି । ଏ ଶୁଭେଚ୍ଛୁ ବ୍ୟବସାୟୀଙ୍କୁ ସିଏ ଜାଣନ୍ତି କି? ସେ କେଉଁ ବ୍ୟବସାୟ କରନ୍ତି ତାହା ସେ କହିପାରିବେ କି ? ଯଦି ନା, ତାହାହେଲେ କ'ଣ ଶାସନ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟିର ଦଳିତ ସଭାପତି ଏତେ କାଙ୍ଗାଳ ଓ ବିକଳ ଯେ, ଏକ ଅଚିହ୍ନା ଓ ଅଜଣା ଶୁଭେଚ୍ଛୁ ବ୍ୟବସାୟୀଠାରୁ ଲକ୍ଷେ ଟଙ୍କା ଲାଞ୍ଚ ଗ୍ରହଣ କରିବାପାଇଁ ସାମାନ୍ୟତମ ସଙ୍କୋଚ କଲେ ନାହିଁ ? ସେହିପରି ସମତା ପାର୍ଟିର ଅଧ୍ୟକ୍ଷା ଓ କୋଷାଧ୍ୟକ୍ଷଙ୍କ ସମ୍ପର୍କରେ ଯେଉଁ ତଥ୍ୟ ଓ ପ୍ରମାଣ ତେହେଲ୍‌କା ଉପସ୍ଥାପିତ କରିଛି ତାକୁ ମଧ୍ୟ କୌଣସି ଭାବରେ ହାଲୁକା କରି ଦେଖିହେବ ନାହିଁ । ମିଳିତ ସାମ୍ମୁଖ୍ୟର ନେତୃମଣ୍ଡଳୀ ସ୍ୱାଭାବିକ ଭାବରେ ଏହାକୁ ଏକ ରାଜନୈତିକ ଅଭିସନ୍ଧି ବୋଲି ବର୍ଣ୍ଣନା କରି ସମସ୍ୟାକୁ ହାଲୁକା କରିବାପାଇଁ ଚେଷ୍ଟା କରିଛନ୍ତି । କ୍ଷମତା ଲୋଭରେ ଅନ୍ଧ ହୋଇ ଅସଲ ସମସ୍ୟା ଉପରୁ ଆମମାନଙ୍କର ଦୃଷ୍ଟିକୁ ହଟେଇବାପାଇଁ ଚେଷ୍ଟା କରୁଛନ୍ତି । ଏ ସମ୍ପର୍କରେ କେବଳ ଏତିକି ମନେ ପକେଇଦେବା ଯଥେଷ୍ଟ ହେବ ଯେ, ଅତୀତରେ ରାଜୀବ ଗାନ୍ଧିଙ୍କର କଂଗ୍ରେସ ସରକାର ବିରୋଧରେ ବୋଫର୍ସ ଦୁର୍ନୀତି ନେଇ ଯେଉଁ ଅଭିଯୋଗ ଆସିଥିଲା, ତତ୍କାଳୀନ କଂଗ୍ରେସ ସରକାର ଲୋକସଭାରେ ନିଜର ବହୁମତ ବଳରେ ଏହାକୁ ଦବେଇ ଦେବାପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଭାରତର ଜନସାଧାରଣ ତାହାକୁ ଆଦୌ ଗ୍ରହଣ କରି ନ ଥିଲେ । 'ବୋଫର୍ସ' ହିଁ ରାଜୀବ ଗାନ୍ଧିଙ୍କ ପାଇଁ କାଳ ହେଲା । ଆଜି ପର୍ଯ୍ୟନ୍ତ କଂଗ୍ରେସ ଏ କଳଙ୍କରୁ ମୁକ୍ତି ପାଇନାହିଁ । ବାଜପେୟୀ ଓ ତାଙ୍କ ସହଯୋଗୀମାନେ ବିରୋଧୀ ଦଳର ଦୁର୍ବଳତାର ସୁଯୋଗ ନେଇ ଯଦି ସେହିପରି ଏ ଅଭିଯୋଗକୁ ଦବେଇ ଦେବାପାଇଁ ଉଦ୍ୟମ କରିବେ, ତେବେ ତାଙ୍କର ମଧ୍ୟ ଅନୁରୂପ ଦଶା ହେବ । ଇତିହାସ ଓ ଅନୁଭବରୁ ଶିକ୍ଷା ଲାଭ କରି ବାଜପେୟୀ ନିଜର ବ୍ୟକ୍ତିତ୍ୱ ଓ ପରାକାଷ୍ଠାର ପରିଚୟ ଦିଅନ୍ତୁ । ଆମ ବ୍ୟବସ୍ଥାକୁ ଏ ବ୍ୟାଧିରୁ ମୁକ୍ତ କରିବାପାଇଁ କିଛି କଠୋର ନିଷ୍ପତ୍ତି ନିଅନ୍ତୁ । ନିଜ ଦଳର ବା ମେଣ୍ଟର ସହଯୋଗୀମାନଙ୍କ ପାଇଁ ତାହା ଯେତେ ଅପ୍ରିୟ ହେଲେ ମଧ୍ୟ ସଙ୍କୋଚ କରନ୍ତୁ ନାହିଁ ।